ଏପିସୋଡ ୧୧

# ଗୋଟିଏ ମୁଦ୍ରାର ଦୁଇଟି ପାଖ

ମୂଳ ରଚନା: ହେମନ୍ତ ଲଗଁଭେକର୍

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପୃଥିବୀ ପୃଷ୍ଠରେ ଜୀବନ ଆଉ ଜଳବାୟୁ ଗୋଟିଏ ମୁଦ୍ରାର ଦୁଇଟି ପାଖ ଭଳି। ଜଳବାୟୁ ଜୀବନକୁ ପ୍ରଭାବିତ କରିଥାଏ। ଆମେ ବିଭିନ୍ନ ଜଳବାୟୁରେ ଥିବା ଭିନ୍ନ ଭିନ୍ନ ଜୈବବିବିଧତା ଅନୁଭବ କରିଥାଏ।

ଏହିଭଳି ପୃଥିବୀରେ ଜଳବାୟୁକୁ ଜୀବନ ପ୍ରଭାବିତ କରିଥାେ। ବାଷ୍ପୀକରଣ, ଅଲ୍‌ବେଡୋ ପ୍ରଭାବ, ବାଦଲ ସୃଷ୍ଟି, ପୃଥିବୀକୁ ଘେରି ରହିଥିବା ଓଜୋନ ସ୍ତର ଭଳି ଅନେକ ଘଟଣା ଜଳବାୟୁକୁ ପ୍ରଭାବିତ କରିଥାଏ। ଏସବୁ ଘଟଣା ଜୀବନ ପ୍ରକ୍ରିୟା ସହ ଘନିଷ୍ଠ ଭାବରେ ଯୋଡ଼ା। ଏସବୁ ପ୍ରାକୃତିକ ଘଟଣା ଜଳବାୟୁକୁ ବି ପ୍ରଭାବିତ କରେ। ଅବଶ୍ୟ ମୁଖ୍ୟତଃ ପୃଥିବୀ ପୃଷ୍ଠରେ ବିଭିନ୍ନ ମାନବୀୟ କ୍ରିୟାକଳାପ ଯୋଗୁ ଜଳବାୟୁ ବଦଳୁଛି।

ଏହି ଭାଗରେ କିଛି ଉଦାହରଣ ସହିତ ଶୁଣିବା କିପରି ଆନ୍ତରୀଣ କାରକ ସ୍ଥାନୀୟ ଏବଂ ବିଶ୍ୱସ୍ତରର ଜଳବାୟୁକୁ ପ୍ରଭାବିତ କରିଥାଏ।

ପାତ୍ର

ଡିଡୁ ସ୍କୁଲ ଯାଉଥିବା ଝିଅ ୮ ବର୍ଷ

ଜେଜୀ    ଡିଡୁର ଜେଜୀ ୭୦ ବର୍ଷ

ରାଜା	ବୟସ ୫୦ ବର୍ଷ

ମନ୍ତ୍ରୀ	ରାଜାଙ୍କ ମନ୍ତ୍ରୀ (୫୦ ବର୍ଷ)

ଶ୍ରୀପାଳ	ରାଜ୍ୟର ବିଶେଷଜ୍ଞ

(ଜୋର ବର୍ଷା, ବିଜୁଳି ଘଡ଼ଘଡ଼ିର ଶବ୍ଦ, ରାତି ସମୟ, ବିଜୁଳି ଶବ୍ଦ ଶୁଣି ଡିଡୁ ଡରିଯାଉଛି। ଡିଡୁ ଆଉ ତା ଜେଜୀ କଥା ହେଉଛନ୍ତି, ପଛରେ ବିଜୁଳି ଘଡ଼ଘଡ଼ି ଶୁଣାଯାଉଛି)

ଡିଡୁ:	ଜେଜୀ, ଏସବୁ କେତେବେଳେ ବନ୍ଦ ହେବ? ଘଡ଼ଘଡ଼ି ମାରିବାରୁ ମତେଡର ଲାଗୁଛି।

ଜେଜୀ:	ଡିଡୁ, ଚିନ୍ତା କରେନି, କିଛି ହେବନି।

ଡିଡୁ:	(କାନ୍ଦ କାନ୍ଦ ହୋଇ): କିନ୍ତୁ ଜେଜୀ, ଯଦି ବିଜୁଳି ଆମ ଘର ଉପରେ ପଡ଼ିଯିବ ତ?

ଜେଜୀ:	ନା ନା ବିଜୁଳି ଆମ ଘର ଉପରେ ପଡ଼ିବନାହିଁ। ଚିନ୍ତା କରେନି। ଦେଖିବୁ ରହ, ବାଦଲ ହଟିଗଲେଏ ଶବ୍ଦ ଜଲ୍‌ଦି ବନ୍ଦ ହୋଇଯିବ। ଦେଖ, ବର୍ଷା ବନ୍ଦ ହୋଇଗଲାଣି। ବାଦଲରୁ ପାଣି ସରିଗଲେ ବାଦଲ ହଜିଯିବ ଆଉ ବିଜୁଳି ତା ମନକୁ ବନ୍ଦ ହୋଇଯିବ।

ଡିଡୁ:	(ଉତ୍ସାହର ସହ) ଜେଜୀ ତମେ ଠିକ ଜାଣିଛ?

ଜେଜୀ:	ହଁ ଡିଡୁ, ବାଦଲ ହଜିଗଲେ ବର୍ଷା ବି ବନ୍ଦ ହୋଇଯିବ।

ଡିଡୁ:	ଏବେ ମୋର ଚିନ୍ତା ଗଲା। ବାଦଲରୁ ଥରେ ପାଣି ସରିଗଲେ ଆଉ ବାଦଲ ନ ଥାଏ କି ବିଜୁଳି ବି ନ ଥାଏ। ତା ମାନେ ଏହା ଶେଷଥ। ଭଗବାନ, ଦୟାକରୀ

ବାଦଲକୁ ଅତି ଶୀଘ୍ର ଖାଲି କରିଦିଅ। ମୁଁ ଆଉ ସେ ଘଡ଼ଘଡ଼ି ଶୁଣିବାକୁ ଚାହୁଁନାହିଁ।

ଜେଜୀ: (ଆଶ୍ଚର୍ଯ୍ୟ ହୋଇ) କ'ଣ? ଜୀବନସାରା?

ଡିଡୁ: ହଁ, ତମେ ତ କହିଲ, ଥରେ ବାଦଲରୁ ପାଣି ସରିଗଲେ ସେ ହଜିଯାଏ...

ଜେଜୀ: (ହସି ହସି) ଡିଡୁ ଆଜି ପାଇଁ ବାଦଲ ଚାଲିଯିବ। କିନ୍ତୁ ସେ କାଲି ପୁଣି ଆସିପାରେ।

ଡିଡୁ: (ଭୟରେ) କ'ଣ?

(ହଠାତ ଜୋର ଘଡ଼ଘଡ଼ି ମାରୁଛି ଆଉ ଡିଡୁ ଭୟ ପାଉଛି)

ଡିଡୁ: ଓହୋ! ଭଗବାନ... ଦୟାକରୀ ମତେ ସାହାଯ୍ୟ କର..

ଜେଜୀ: ଭୟ କରେନି ଡିଡୁ, ଠିକ ଅଛି, ମୁଁ ତତେ ଗୋଟିଏ କାହାଣୀ କହୁଛି।

ଡିଡୁ: ହଉ...

ଜେଜୀ: ଠିକ ଅଛି ଶୁଣ। ଥରେ ଗୋଟିଏ ମୂର୍ଖ ରାଜା ଥିଲେ...

ଡିଡୁ: (ହସି ହସି) ମୂର୍ଖ?

ଜେଜୀ: ହଁ ମୂର୍ଖ ରାଜା। ସେ ଭାବୁଥିଲେ ତାଙ୍କ ରାଜ୍ୟର ସେ ସବୁଠାରୁ ବୁଦ୍ଧିମାନ ଲୋକ ବୋଲି। ତାଙ୍କର ବିଶ୍ୱାସ ଥିଲେ ଯେ ତାଙ୍କୁ କେହି ଠକି ପାରିବେନାହିଁ। ପ୍ରତିଦିନ ସେ ତାଙ୍କ ମହଲରେ ନିଜ ଜ୍ଞାନର ପ୍ରଦର୍ଶନ କଲେ। ଏ ତ ଜଣାଶୁଣା କଥା ଯେ ତାଙ୍କ ମନ୍ତ୍ରୀଗଣ ସେ କହିଥିବା ପ୍ରତିଟି ଶବ୍ଦକୁ ପ୍ରଶଂସା କଲେ। ଦିନେ, ରାଜା ତାଙ୍କ ଦରବାରରେ ମନ୍ତ୍ରୀମାନଙ୍କୁ ଗୋଟିଏ ମୂର୍ଖ ଆଦେଶ ଦେଲେ...

(ଦୃଶ୍ୟ ପରିବର୍ତ୍ତନ)

ରାଜା: ମନ୍ତ୍ରୀ, ମୋ ମନରେ ଇଚ୍ଛା ହେଉଛି ଯେ ପଡ଼ୋଶୀ ରାଜ୍ୟକୁ ଗୋଟିଏ ମଜା

ଚଖାଇବାକୁ।

ମନ୍ତ୍ରୀ: ଆଜ୍ଞା ମହାରାଜ।

ରାଜା: ମନ୍ତ୍ରୀ। ମାସକ ଭିତରେ ଆମେ ପଡ଼ୋଶୀ ରାଜ୍ୟକୁ ପାଣି ଦେବା ବନ୍ଦ କରିଦେବା। ନଇରେ ଗୋଟିଏ କାନ୍ଥ ତିଆରି କରି ଆମେ ପାଣିକୁ ଅଟକାଇ ରଖିବା। ହା ହା ହା ହା (ହସୁଛନ୍ତି)

ମନ୍ତ୍ରୀ: କିନ୍ତୁ ମହାରାଜ...

ରାଜା: ମନ୍ତ୍ରୀ, ମୋ ଆଦେଶ ପାଳନ କର।

ମନ୍ତ୍ରୀ: କିନ୍ତୁ... ପଡ଼ୋଶୀ ରାଜ୍ୟ ବହୁତ ଶକ୍ତିଶାଳୀ। ଯଦି ସେ ଆମ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିଦେବେ ତାହେଲେ ତାଙ୍କର ଶକ୍ତିଶାଳୀ ସେନା ଆଗରେ ଆମେ ତିଷ୍ଠି ପାରିବାନାହିଁ।

ରାଜା: ମନ୍ତ୍ରୀ... ଏଇଥିପାଇଁ ତ ଆମେ ତାଙ୍କ ବିରୁଦ୍ଧରେ ଯୁଦ୍ଧ କରିବାନାହିଁ। କିନ୍ତୁ ତାଙ୍କର ପାଣି ପାଇବାରେ ସମସ୍ୟା କରିବା ଏବଂ ତାଙ୍କ ରାଜ୍ୟକୁ ଛାରଖାର କରିଦେବା। ହା ହା ହା ହା (ହସୁଛନ୍ତି) ଏଥିପାଇଁ ସାଙ୍ଗେ ସାଙ୍ଗେ କାମ ଆରମ୍ଭ କର।

ମନ୍ତ୍ରୀ: ଯେମିତି ଆପଣଙ୍କ ଆଜ୍ଞା ମହାରାଜ।

(ଦୃଶ୍ୟ ପରିବର୍ତ୍ତନ)

ଡିଡୁ: ସେଇଠୁ କ'ଣ ହେଲା ଜେଜୀ?

ଜେଜୀ: (ହସି ହସି) ଡିଡୁ, ମନ୍ତ୍ରୀ କିନ୍ତୁ ରାଜାଙ୍କ ତୁଳନାରେ ବହୁତ ବୁଦ୍ଧିମାନ ଥିଲେ। ସେ ଗୋଟିଏ ସପ୍ତାହ ଯାଏଁ ଚୁପ ରହିଲେ। ପଡ଼ୋଶୀ ରାଜ୍ୟକୁ ପାଣି ବନ୍ଦ କରିବା ବଦଳରେ ଗୋଟିଏ ଚାଲ ଖେଳିଲେ।

ଡିଡୁ:	କେମିତି ଚାଲ୍ ଜେଜୀ?

ଜେଜୀ:	ସେତେବେଳେ ଶୀତଦିନ ଥିଲା। ସେଥିପାଇଁ ଦିନ ଅପେକ୍ଷା ରାତି ଅଧିକ ଲମ୍ବା ଥିଲା।

ଡିଡୁ:	ହଁ ସେକଥା ତ ମୁଁ ବୁଝୁଛି।

ଜେଜୀ:	ଥରେ ରାତିରେ ମନ୍ତ୍ରୀ ଶ୍ରୀପାଳଙ୍କୁ ଡାକିଲେ।

ଡିଡୁ:	ଶ୍ରୀପାଳ କିଏ?

ଜେଜୀ:	ଶ୍ରୀପାଳ ରାଜାଙ୍କର ପରାମର୍ଶଦାତା ଥିଲେ ଆଉ ମନ୍ତ୍ରୀଙ୍କର ଅତ୍ୟନ୍ତ ବିଶ୍ୱସ୍ତ ଥିଲେ।

ଡିଡୁ:	ଆଚ୍ଛା।

ଜେଜୀ:	ମନ୍ତ୍ରୀ ଚୁପ୍ କରି ଶ୍ରୀପାଳଙ୍କୁ ଫୋନ କଲେ ଏବଂ ସେହି ରାତି ଭିତରେ ଗୋଟିଏ ଅତି ଜରୁରୀ କାମ କରିବାକୁ କହିଲେ।

ଡିଡୁ:	କେଉଁ କାମ ଜେଜୀ?

ଜେଜୀ:	ମନ୍ତ୍ରୀ ଶ୍ରୀପାଳଙ୍କୁ କହିଲେ ରାତି ଦୁଇଟା ବାଜିଥିଲା ବେଳେ ସେ ସମୟ ଘଣ୍ଟା ଛଅଥର ବଜାଇବେ।

ଡିଡୁ:	ସମୟ ଘଣ୍ଟା?

ଜେଜୀ:	ହଁ ସେ ସମୟରେ ଘଣ୍ଟା ନ ଥିଲା। ଗୋଟିଏ ଜାଗାରେ ସମୟ ମପାଯାଉଥିଲା ଏବଂ ଘଣ୍ଟା ବଜେଇ ଲୋକଙ୍କୁ ଜଣେଇ ଦିଆଯାଉଥିଲା।

ଡିଡୁ:	ଆଚ୍ଛା

ଜେଜୀ:	ସେଥିପାଇଁ ଦୁଇଟା ବେଳେ ଛଅଟା ବଜେଇବା ଯୋଜନା କରାଗଲା। ସେହିଭଳି ତିନିଟା ବେଳେ ସାତଥର ସମୟ ଘଣ୍ଟା ବାଜିବାକୁ ଥିଲା।

ଡିଡୁ:	ସେହିଭଳି ଚାରିଟା ବେଳେ ଆଠଥର... ଏମିତି ଆଗକୁ ବଜେଇବେ।

ଜେଜୀ:	ଠିକ କହିଛୁ।

ଡିଡୁ:	ତା ପରେ କ'ଣ ହେଲା?

ଜେଜୀ:	ଯୋଜନା ଅନୁସାରେ ସବୁକିଛି  ଠିକ ହୋଇଗଲା। ରାତି ଦୁଇଟା ବେଳେ ବିରାଟ ସମୟ ଘଣ୍ଟା ଛଅଥର ବାଜିଲା। ଆଉ ରାଜା ଉଠିପଡ଼ିଲେ।

ଡିଡୁ:	(ଜୋରରେ ହସିବା) ହା ହା ହା ହା

ଜେଜୀ:	ଯେତେବେଳେ ସାତଥର ଘଣ୍ଟା ବାଜିଲା ରାଜା ଦେଖିଲେ ବାହାରେ ଅନ୍ଧାର ଅଛି। ସେ ଆଶ୍ଚର୍ଯ୍ୟ ହୋଇଗଲେ। ତା ପରେ ଘଣ୍ଟାଏ ପରେ ଯେତେବେଳେ ଆଠ ଥର ବାଜିଲା ସେ ପୂରା ଡରିଗଲେ। ସାଙ୍ଗେ ସାଙ୍ଗେ ମନ୍ତ୍ରୀମାନଙ୍କ ବୈଠକ ଡକାଇଲେ। ଆଠଟା ବେଳେ ଏତେ ଅନ୍ଧାର କାହିଁକି ଅଛି ସେ କିଛି ଜାଣିପାରୁ ନ ଥିଲେ।

ଡିଡୁ:	(ହସି ହସି) ହା ହା ହା ହା

(ଦୃଶ୍ୟ ପରିବର୍ତ୍ତନ, ଅଦାଲତ ଦୃଶ୍ୟ)

ରାଜା:	ମହାମନ୍ତ୍ରୀ, ଆଜି ଏ କ'ଣ ହେଉଛି? ଘଣ୍ଟାରେ ଆଠଟା ବାଜିବା ପରେ ବି ବାହାରେ ଏତେ ଅନ୍ଧାର କାହିଁକି ହୋଇଛି?

ମନ୍ତ୍ରୀ:	କ୍ଷମା କରନ୍ତୁ ମହାରାଜ, କିନ୍ତୁ...

ରାଜା:	କାରଣ କ'ଣ? ମୁଁ ଆପଣଙ୍କର କୌଣସି ବାହାନା ଶୁଣିବାକୁ ଚାହେଁନାହିଁ। ମୁଁ ଜାଣିବାକୁ ଚାହୁଁଛି ଯେ ଏଭଳି ଅନ୍ଧାରର କାରଣ କ'ଣ? ଆଜି ସୂର୍ଯ୍ୟ ଉଦୟ କାହିଁକି ହୋଇନାହିଁ...

ମନ୍ତ୍ରୀ:	ମହାରାଜ, ଏ ସବୁ ଆମ ଯୋଗୁ ହୋଇଛି।

ରାଜା: ମାନେ?

ମନ୍ତ୍ରୀ: ଆମେ ପଡ଼ୋଶୀ ରାଜ୍ୟକୁ ପାଣି ଦେବା ବନ୍ଦ କରିଦେଲେ। ସେମାନେ ସୂର୍ଯ୍ୟଙ୍କ କିରଣକୁ ଅଟକାଇ ଦେଇଛନ୍ତି।

ରାଜା: କ'ଣ?

ମନ୍ତ୍ରୀ: ହଁ ମହାରାଜ, ଆପଣ ଶ୍ରୀପାଳଙ୍କୁ ବି ପଚାରି ପାରିବେ।

ରାଜା: ଶ୍ରୀପାଳ, ଏ କଥା କ'ଣ ସତ୍ୟ? ମନ୍ତ୍ରୀ ଏସବୁ କ'ଣ କହୁଛନ୍ତି?

ଶ୍ରୀପାଳ: ହଁ ମହାରାଜ।

ରାଜା: କିନ୍ତୁ ସେମାନେ ସୂର୍ଯ୍ୟଙ୍କ ଆଲୁଅ ଅଟକାଇବାର ବ୍ୟବସ୍ଥା କେମିତି କଲେ?

ଶ୍ରୀପାଳ: ମହାରାଜ, କ୍ଷମା କରନ୍ତୁ, ପ୍ରକୃତରେ ମୁଁ ଜାଣିନି। କିନ୍ତୁ ଗୋଟିଏ କଥା ମୁଁ ନିଶ୍ଚିତ ଜାଣିଛି।

ରାଜା: କ'ଣ ସେ କଥା?

ଶ୍ରୀପାଳ: ନଈର ପାଣିକୁ ଅଟକାଇ, ଆମେ କେବଳ ପଡ଼ୋଶୀ ରାଜ୍ୟକୁ ଭୋକରେ ରଖୁନାହୁଁ, ବରଂ ପ୍ରକୃତି, ତା' ଜୈବ ବିବିଧତା ଏବଂ ଏପରିକି ତା'ର ଜଳବାୟୁକୁ ବି ପ୍ରଭାବିତ କରୁଛେ।

ରାଜା: କ'ଣ?

ଶ୍ରୀପାଳ: ଆଜ୍ଞା ମହାରାଜ।

ରାଜା: ଶ୍ରୀପାଳ, ତମେ ତମ ରାଜାଙ୍କ ଆଗରେ ଏଭଳି ବ୍ୟାଖ୍ୟା ଦେଇପାରିବନାହିଁ। ତମେ ଯାହା ବି କହିଛ ପ୍ରମାଣ କର।

ଶ୍ରୀପାଳ: ହଁ ମହାରାଜ, ଯଦି ଆପଣ ମତେ ଅନୁମତି ଦେବେ ତ ମୁଁ ଆପଣଙ୍କୁ ବୁଝେଇ ଦେବି।

ରାଜା: ଠିକ ଅଛି ବୁଝାଅ।

ଶ୍ରୀପାଳ: ମହାରାଜ, ଦରବାରର ଲୋକମାନେ କେତେ ଜାଣିଛନ୍ତି ଜାଣିବା ପାଇଁ ମୁଁ ଏଠାର ସମସ୍ତଙ୍କୁ କିଛି ପ୍ରଶ୍ନ ପଚାରିବି, ଠିକ ଅଛି ମହାରାଜ?

ରାଜା: ହଁ ଶ୍ରୀପାଳ, ଆରମ୍ଭ କର।

ଶ୍ରୀପାଳ: ମହାରାଜ, ଆମେ ସମସ୍ତେ ଜାଣିଛେ ଯେ ପୃଥିବୀରେ ସମସ୍ତ ସମ୍ବଳ ସୀମିତ। ଉଦାହରଣ ସ୍ୱରୂପ ପାଣି ସୀମିତ, କିନ୍ତୁ ଆମେ ସମସ୍ତେ ପାଣି ବ୍ୟବହାର କରୁଛେ। ତାହେଲେ ପ୍ରଶ୍ନ ହେଉଛି ଏ ପାଣି ସରିଯାଉନାହିଁ କେମିତି?

ରାଜା: ପ୍ରତି ବର୍ଷ ବର୍ଷା ଯୋଗୁ ଆମକୁ ପାଣି ମିଳୁଛି।

ଶ୍ରୀପାଳ: ଠିକ କହିଛନ୍ତି ମହାରାଜ। କିନ୍ତୁ ବର୍ଷା କେମିତି ସୃଷ୍ଟି ହୁଏ? ଏ ପାଣି କେଉଁଠୁ ଆସେ?

ମନ୍ତ୍ରୀ: ସମୁଦ୍ର ପାଣିର ବାଷ୍ପୀକରଣ ଯୋଗୁ...

ଶ୍ରୀପାଳ: ଆପଣ ଠିକ କହିଛନ୍ତି ମନ୍ତ୍ରୀ ମହାଶୟ। ବର୍ଷା ଜଳଚକ୍ରର ଗୋଟିଏ ଅଂଶ। ସୂର୍ଯ୍ୟ କିରଣର ତାପ ଯୋଗୁ ଗରମ ହୁଏ, ଏହି ଗରମ ଯୋଗୁ ସମୁଦ୍ର ପାଣି ବାଷ୍ପ ହୋଇଯାଏ। ଏହି ବାଷ୍ପ ଅପେକ୍ଷାକୃତ କମ୍ ତାପମାତ୍ରାରେ ଘନୀଭୂତ ହୋଇ ବାଦଲ ସୃଷ୍ଟି କରେ। ବାଦଲରେ ଜଳୀୟବାଷ୍ପ ଯଥେଷ୍ଟ ହୋଇଗଲେ ଆଉ ପାଣି ଧରିରଖି ପାରେନାହିଁ ଏବଂ ବର୍ଷା ହୁଏ।

ରାଜା: ଆଉ ଏହିପରି ଭାବରେ ଆମକୁ ପାଣି ମିଳେ।

ଶ୍ରୀପାଳ: ଠିକ କହିଛନ୍ତି ମହାରାଜ। କିନ୍ତୁ ପାଣି ଏଠି ତିଆରି ହୁଏନାହିଁ। କେବଳ ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ପରିଚାଳିତ କରାଯାଏ। ଏହାଠାରୁ ବି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏସବୁ ପ୍ରକ୍ରିୟା ସ୍ୱାଭାବିକ ଭାବରେ ହୋଇଥାଏ। ସେହିଭଳି ଏହା ଏକ ପ୍ରକ୍ରିୟା ଜଳଚକ୍ର।

ମନ୍ତ୍ରୀ: ହଁ...

ଶ୍ରୀପାଳ: ଏହିଭଳି ଅଙ୍ଗାରଚକ୍ର ବି ଅଛି।

ରାଜା: ସେ ପୁଣି କ'ଣ?

ଶ୍ରୀପାଳ: ଅଙ୍ଗାର ଗୋଟିଏ ବହୁତ ଗୁରୁତ୍ୱପୂର୍ଣ୍ଣ ରାସାୟନିକ ପଦାର୍ଥ। ଆମ ଜୀବନ ପାଇଁ ଏହା ଅତି ଗୁରୁତ୍ୱପୂର୍ଣ୍ଣ। ପ୍ରକୃତିରେ ବିଭିନ୍ନ କ୍ରିୟାକଳାପ ମାଧ୍ୟମରେ ଏହା ସଂସାଧିତ ହୋଇଥାଏ। ଆମ ପାଖରେ ପ୍ରକୃତିର ଅଙ୍ଗାରଚକ୍ର ବି ଅଛି। ଏହିଭଳି ଯବକ୍ଷାରଜାନଚକ୍ର, ଅମ୍ଳଜାନଚକ୍ର, ଖଣିଜଚକ୍ର ଆଦି ମଧ୍ୟ ରହିଛି।

ରାଜା: ବୁଝିଲି। କିନ୍ତୁ ଏଠି ଏବେ ଏସବୁ ଚକ୍ରର ପ୍ରାସଙ୍ଗିକତା କ'ଣ? ମୋର ଏବେ ଖରା ଦରକାର... ଆଉ କିଛି ନୁହେଁ...(ପଛରେ ଘଣ୍ଟାରେ ନଅଥର ବାଜିବା ଶୁଣାଯିବା) ଆରେ ଏବେ ନଅଟା ବାଜିଲା।

ଶ୍ରୀପାଳ: ହଁ ମହାରାଜ, ମୁଁ ବୁଝେଇ ଦେଉଛି। ପ୍ରକୃତିରେ କେହି ଅଲଗା ନୁହନ୍ତି। ପ୍ରତି ଜିନିଷ ଗୋଟିଏ ବା ତାଠାରୁ ଅଧିକ ଜିନିଷ ସହ ଯୋଡ଼ା। ଯଦି ଏସବୁ ଚକ୍ରରେ ଗୋଟିଏ ବି କାରକ ଦୁର୍ବଳ ହୋଇଯାଏ ତାହେଲେ ପୂରା ସନ୍ତୁଳନ ବିଗିଡ଼ିଯିବ। ସେଥିପାଇଁ ଯଦି ଆମେ ନଈର ସ୍ରୋତକୁ ଅଟକାଇା ବା ନଈର ଧାରାକୁ ବଦଳାଇବା ତା ମାନେ ଆମେ ପ୍ରାକୃତିକ ଜିନିଷକୁ ବଦଳାଉଛେ। ଶେଷରେ ଏସମସ୍ତ ର ସମ୍ବନ୍ଧ ଆମ ପରିବେଶ ଆଉ ଜଳବାୟୁ ସହିତ ରହିଛି। ଯଦି ଅନୁକୂଳ ଜଳବାୟୁ ନ ମିଳେ, ସେ ପରିବେଶର ପ୍ରତି କାରକକୁ ପ୍ରଭାବିତ କରିପାରେ...

ମନ୍ତ୍ରୀ: ମୁଁ ଆପଣଙ୍କ ସହ ଏକମତ ଶ୍ରୀପାଳ।

ଶ୍ରୀପାଳ: ଯଦି ଆମେ ସମସ୍ତେ ଜଳବାୟୁ ବିଷୟରେ ଚିନ୍ତା କରୁଛେ, ତାହେଲେ ପ୍ରକୃତିରେ ମଣିଷର ହସ୍ତକ୍ଷେପ ଜଳବାୟୁକୁ ବେଶ୍ ମାତ୍ରାରେ ପ୍ରଭାବିତ କରିବ।

ମନ୍ତ୍ରୀ: ହଁ...

ଶ୍ରୀପାଳ: କିନ୍ତୁ ମହାରାଜ, ପୃଥିବୀ ଉପରେ ଜୀବନ ବି ଅଙ୍ଗାରଚକ୍ର ଆଉ ଜଳଚକ୍ର ମାଧ୍ୟମରେ ଜଳବାୟୁକୁ ପ୍ରଭାବିତ କରେ।

ରାଜା: କେମିତି?

ଶ୍ରୀପାଳ: ଏଲବିଡୋ, ବାଷ୍ପୀକରଣ, ବାଦଲ ସୃଷ୍ଟି ଏବଂ ଅବକ୍ଷୟ ଭଳି କାରିକା ମାଧ୍ୟମରେ ଜୀବନ ଜଳବାୟୁକୁ ପ୍ରଭାବିତ କରେ।

ରାଜା: ଶ୍ରୀପାଳ, ତମେ କ'ଣ କହିବାକୁ ଚାହୁଁଛ ଟିକେ ସରଳ ଭାଷାରେ ବୁଝାଅ।

ଶ୍ରୀପାଳ: ନିଶ୍ଚୟ ମହାରାଜ। ଆମେ ସମସ୍ତେ ଜାଣିଛେ ଯେ ଗରମ ଅଞ୍ଚଳରେ ରହୁଥିବା ଲୋକମାନେ କି ପ୍ରକାର ବ୍ୟବସ୍ଥା କରନ୍ତି। ଉଦାହରଣ ସ୍ୱରୂପ, ଏଭଳି ଜାଗାରେ କୋଠାବାଡ଼ି ସବୁ ଥଣ୍ଡା ରଖିବା ପାଇଁ ବାହାର ପଟ ଧଳା ରଙ୍ଗ ଦିଆଯାଏ। କାରଣ ଧଳା ପୃଷ୍ଠରୁ ସୂର୍ଯ୍ୟ କିରଣ ଅଧିକ ପ୍ରତିଫଳିତ ହୁଏ। ଅନ୍ୟ ପଟରେ କଳା ପୃଷ୍ଠରୁ ଆଲୁଅ ବହୁତ କମ୍ ପ୍ରତିଫଳିତ ହୁଏ। ସେଥିପାଇଁ ଖରାଦିନେ ହାଲୁକା ରଙ୍ଗର ପୋଷାକ ପିନ୍ଧନ୍ତି।

ରାଜା: ହଁ ମୁଁ ବୁଝିଗଲି।

ଶ୍ରୀପାଳ: ଆମ ପୃଥିବୀର ପୃଷ୍ଠଭୂମି ରଙ୍ଗର ଗୋଟିଏ ବିରାଟ ପ୍ୟାଚୱର୍କ। ଏଠି ବରଫର ଉଜଳ ଚଦରଠାରୁ ଆରମ୍ଭ କରି ମହାସାଗର ଆଉ ଜଙ୍ଗଲର ଘନ ଅନ୍ଧାର ରଙ୍ଗ ଯାଏଁ ରହିଛି।

ମନ୍ତ୍ରୀ: ହଁ ପୂରା ଠିକ।

ଶ୍ରୀପାଳ: ପୃଥିବୀର ପ୍ରତିଟି ପୃଷ୍ଠ ପୃଥିବୀର ତାପମାତ୍ରା ଉପରେ ନିର୍ଦ୍ଦିଷ୍ଟ ପ୍ରଭାବ ପକାଏ। ବରଫ ଏବଂ ତୁଷାର ସୂର୍ଯ୍ୟ କିରଣକୁ ମହାଶୂନ୍ୟକୁ ପ୍ରତିଫଳିତ କରେ। ଗଭୀର ମହାସାଗର ଶକ୍ତିକୁ ଅବଶୋଷିତ କରେ। ଏହି ଶକ୍ତି ପାଣିକୁ ଗରମ

କରେ। ପୃଥିବୀକୁ ଗରମ ରଖିବାରେ ମହାସାଗର ସାହାଯ୍ୟ କରେ କାରଣ ସେ ଅଧିକାଂଶ ତାପକୁ ଅବଶୋଷିତ କରେ। ଗରମ ହେବା ଯୋଗୁ ଜଳୀୟବାଷ୍ପ ବଢ଼େ ଯାହା ସବୁଜକୋଠରୀ ବାଷ୍ପ ଭଳି କାମ କରେ ଏବଂ ତାପମାତ୍ରାକୁ ସୀମା ଭିତରେ ରଖିବାରେ ସାହାଯ୍ୟ କରେ।

ମନ୍ତ୍ରୀ: କିନ୍ତୁ ଶ୍ରୀପାଳ, ଏସବୁ କେମିତି ମପାଯାଏ? ଆମେ କେମିତି ଜାଣିବା ଯେ କିଛି ପୃଷ୍ଠ ଅଧିକ ତାପ ଅବଶୋଷିତ କରେ ଏବଂ ପୃଥିବୀକୁ ଥଣ୍ଡା ରଖେ?

ଶ୍ରୀପାଳ: ବଢ଼ିଆ ପ୍ରଶ୍ନ ମନ୍ତ୍ରୀ ମହୋଦୟ। କୌଣସି ପୃଷ୍ଠ ବା ବସ୍ତୁ ଦ୍ୱାରା ପ୍ରତିଫଳିତ ସୌର କିରଣର ଅଂଶକୁ ସାଧାରଣତଃ ଶତକଡ଼ାରେ ବ୍ୟକ୍ତ କରାଯାଏ। ମହାସାଗର ଉପରେ ପଡୁଥିବା କିରଣର ଶତକଡ଼ା ପ୍ରାୟ ୯୦ ଭାଗ ଅବଶୋଷିତ ହୋଇଥାଏ। ବାସ୍ତବରେ ଆଲ୍‌ବିଡ଼ୋ କୌଣସି ପୃଷ୍ଠର ପ୍ରତିଫଳନର ମାପ।

ରାଜା: ଆଲ୍‌ବିଡୋ?

ଶ୍ରୀପାଳ: ଆଜ୍ଞା ମହାରାଜ। ଲାଟିନ ଶବ୍ଦ ଆଲ୍‌ବିଡୋର ଅର୍ଥ ହେଉଛି ଧଳା। ଆଲ୍‌ବିଡୋ ହେଉଛି ଗୋଟିଏ ମାପ, ଏଥିରେ କେତେ ପରିମାଣର ସୌର ଶକ୍ତି ପ୍ରତିଫଳିତ ହୁଏ ତାହା ମପାଯାଏ। ବରଫାବୃତ୍ତ ଅଞ୍ଚଳର ଆଲ୍‌ବିଡୋ ଅଧିକ, କାରଣ ଏଗୁଡ଼ିକ ଉଜଳ ଧଳା ପୃଷ୍ଠ, ସେଥିପାଇଁ ଆସୁଥିବା ଶକ୍ତିରୁ ଅଧିକାଂଶ ପ୍ରତିଫଳିତ ହୋଇଥାଏ। ଅନ୍ୟ ପଟରେ ମାଟି ପୃଷ୍ଠର ଆଲ୍‌ବିଡୋ ଅଧିକରୁ କମ୍ ଯାଏଁ ହୋଇଥାଏ। ଗଛଲତା ଭରା ଜଙ୍ଗଲ ଆଉ ମହାସାଗରର ଆଲ୍‌ବିଡୋ ସବୁଠାରୁ କମ୍ ହୋଇଥାଏ।

ରାଜା: କାରଣ ଏଠିକାର ପୃଷ୍ଠ ଅଧିକାଂଶ ଶକ୍ତି ଅବଶୋଷିତ କରିନିଏ।

ଶ୍ରୀପାଳ: ଠିକ କହିଛନ୍ତି ମହାରାଜ। ଅଧିକ ଆଲ୍‌ବିଡୋରେ ଶୀତଳତା ପ୍ରଭାବ ହୁଏ

ଏବଂ କମ୍ ଆଲ୍‌ବିଡୋରେ ଗରମ ପ୍ରଭାବ। ପୃଥିବୀର ଗ୍ରହୀୟ ଆଲ୍‌ବିଡୋ ମୁଖ୍ୟ ରୂପରେ ଅଲଗା ଅଲଗା ବାଦଲ, ବରଫ, ସବୁଜ କ୍ଷେତ ଏବଂ ମାଟି ନେଇ ବଦଳିଥାଏ। ଆଲ୍‌ବିଡୋ ଉପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆନୁମାନିକ ପ୍ରଭାବ ହେଉଛି ଭବିଷ୍ୟତର ବିଶ୍ୱ ଉଷ୍ମାୟନ...

ମନ୍ତ୍ରୀ: (ଆଗ୍ରହ ସହକାରେ) କେମିତି?

ଶ୍ରୀପାଳ: ବିଶ୍ୱ ଉଷ୍ମାୟନ ଯୋଗୁ ପୃଥିବୀର ମେରୁ ଅଞ୍ଚଳରେ ବରଫ ଦ୍ରୁତ ଗତିରେ କମିବାରେ ଲାଗିଛି। ଧଳା ପୃଷ୍ଠ ଯେତେ ଯେତେ କମୁଛି, ସେତେ କମ୍ ଶକ୍ତି ମହାଶୂନ୍ୟକୁ ପ୍ରତିଫଳିତ ହୋଇ ଫେରୁଛି। ଫଳରେ ପୃଥିବୀ ଅଧିକ ଗରମ ହେଉଛି।

ମନ୍ତ୍ରୀ: ଓହୋ!

ଶ୍ରୀପାଳ: ସମୁଦ୍ର ପତନ ବଢୁଛି। ସମୁଦ୍ର ପୃଷ୍ଠ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସିବାରୁ ପାଣି ଗରମ ହୋଇଯାଏ। ଫଳରେ ବରଫ ତରଳେ। ଆର୍ଦ୍ରତା ବି ବଢ଼େ। ଜଳୀୟବାଷ୍ପ ଗୋଟିଏ ଶକ୍ତିଶାଳୀ ସବୁଜକୋଠରୀ ବାଷ୍ପ। ସେଥିପାଇଁ ବିଶ୍ୱ ଉଷ୍ମାୟନ ଏବଂ ଜଳବାୟୁ ପରିବର୍ତ୍ତନରେ ଏହାର ଯୋଗଦାନ ରହେ। ଜୀବନ ଜଳବାୟୁକୁ ପ୍ରଭାବିତ କରିବା ପାଇଁ ଅନ୍ୟ କାରକ ବି ରହିଛି।

ରାଜା: ସେ ସବୁ କ'ଣ?

ଶ୍ରୀପାଳ: ଗୋଟିଏ କାରକ ହେଉଛି ବାଷ୍ପୀୟ-ଉତ୍ସର୍ଜନ।

ରାଜା: ସେ ପୁଣି କ'ଣ? ବାଷ୍ପୀୟ ଉତ୍ସର୍ଜନ?

ଶ୍ରୀପାଳ: ଏହା ହେଉଛି ପୃଥିବୀରୁ ବାୟୁମଣ୍ଡଳକୁ ଆର୍ଦ୍ରତାର ସ୍ଥାନାନ୍ତରଣ କରିବାର ପ୍ରକ୍ରିୟା। ବାସ୍ତବରେ, ଏହା ବାଷ୍ପୀକରଣ ଏବଂ ବାଷ୍ପୋତ୍ସର୍ଜନ ଦୁହିଁଙ୍କର ସଂଯୋଜନ।

ମନ୍ତ୍ରୀ: ବାଷ୍ପୀକରଣ କ'ଣ ଆମେ ଜାଣିଛୁ। କିନ୍ତୁ ଏ ବାଷ୍ପୋତ୍ସର୍ଜନ ପୁଣି କ'ଣ?

ଶ୍ରୀପାଳ: ବାଷ୍ପୋତ୍ସର୍ଜନ ହେଉଛି ଏଭଳି ପ୍ରକ୍ରିୟା ଯେଉଁଥିରେ ଆର୍ଦ୍ରତା ଚେରରୁ ନେଇ ପତ୍ରର ତଳପଟେ ଥିବା ଛୋଟ କଣା ଯାଏଁ ଯାଏ, ଏଠାରେ ଏହା ଜଳୀୟବାଷ୍ପରେ ପରିଣତ ହୁଏ ଏବଂ ବାୟୁମଣ୍ଡଳକୁ ଯାଏ। ବାସ୍ତବରେ ବାଷ୍ପୋତ୍ସର୍ଜନ ହେଉଛି ଗଛର ପତ୍ରରୁ ପାଣିର ବାଷ୍ପୀକରଣ। କିନ୍ତୁ ଏହା କାଣ୍ଡ, ଫୁଲ ଭଳି ଗଛର ଅନ୍ୟ ଅଂଶ ଦ୍ଵାରା ମଧ୍ୟ ହୋଇଥାଏ। ଚାଷୀଭାଇ ମାନେ ସାଧାରଣତଃ ଏହାକୁ ଗଛର ସ୍ୱେଦ ବୋଲି କହିଥାନତି। କିଛି ଚାଷୀଭାଇ ଏହାକୁ ଜଳସେଚନ ପାଇଁ ବ୍ୟବହାର କରନ୍ତି।

ରାଜା: ଜଳସେଚନ ପାଇଁ? କେମିତି?

ଶ୍ରୀପାଳ: ମହାରାଜ, ଗଛର ବଢ଼ିବା ଋତୁରେ ଗୋଟିଏ ପତ୍ର ନିଜ ଓଜନର ଅନେକ ଗୁଣ ଅଧିକ ପାଣି ବାଷ୍ପୀଭୂତ କରିଥାଏ। ଗୋଟିଏ ଏକର ମକା କ୍ଷେତରୁ ଦିନକୁ ପ୍ରାୟ ଏଗାର ହଜାରରୁ ପନ୍ଦର ହଜାର ଲିଟର ପାଣି ବାଷ୍ପୀଭୂତ ହୋଇଥାଏ। ଗୋଟିଏ ବଡ଼ ଓକ ଗଛ ପ୍ରତି ବର୍ଷ ଏକ ଲକ୍ଷ ପଚାଶ ହଜାର ଲିଟର ପାଣି ବାଷ୍ପରେ ପରିଣତ କରିଥାଏ।

ରାଜା: ଆଚ୍ଛା!! କି କଥା କହୁଛ!!

ଶ୍ରୀପାଳ: ବାଷ୍ପୀୟ ଉତ୍ସର୍ଜନର ଅର୍ଥ ହେଉଛି ବାଷ୍ପୀକରଣ ଏବଂ ବାଷ୍ପୋତ୍ସର୍ଜନ। ପ୍ରକୃତିର ଏହା ଗୋଟିଏ ବହୁତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ବାୟୁମଣ୍ଡଳରେ ଥିବା ଶତକଡ଼ା ପ୍ରାୟ ପନ୍ଦର ଭାଗ ଜଳୀୟବାଷ୍ପ ଏଥିରୁ ମିଳିଥାଏ। ଏହା ବିନା ବାଦଲ ସୃଷ୍ଟି ହେବନାହିଁ ଏବଂ ବର୍ଷା ବି ହେବନାହିଁ।

ରାଜା: ତା ମାନେ ଯଦି ଆମେ ଅଧିକ ସଂଖ୍ୟାରେ ଗଛ କାଟିବା ଏହା ସିଧାସଳଖ ବାୟୁମଣ୍ଡଳର ଜଳୀୟବାଷ୍ପକୁ ପ୍ରଭାବିତ କରିବ।

ଶ୍ରୀପାଳ: ଆଜ୍ଞା ମହାରାଜା। କେବଳ ବଡ଼ ଗଛ ନୁହେଁ, ଆଜୋଲା ଭଳି ଛୋଟ ଉଦ୍ଭିଦ ବି ପୃଥିବୀର ଜଳବାୟୁ ଉପରେ ପ୍ରଭାବ ପକାଏ।

ରାଜା: (ଆଗ୍ରହର ସହ) କେମିତି?

ଶ୍ରୀପାଳ: ପ୍ରାୟ ପଞ୍ଚାବନ କୋଟି ବର୍ଷ ପୂର୍ବେ ଆମ ପୃଥିବୀ ଯେତେବେଳେ ପ୍ରାୟ ପଳେଇବା ଅବସ୍ଥାରେ ଥିଲା, ସବୁଜକୋଠରୀ ବାଷ୍ପ ଦ୍ୱାରା ଅତି ବିପଦଜନକ ଭାବରେ ଗରମ ହୋଇ ଥିଲା। ଆର୍କଟିକ ମହାସାଗର ବି ବହୁତ ଅଲଗା ଥିଲା। ଗୋଟିଏ ବଡ଼ ହ୍ରଦ ଥିଲା। ଗୋଟିଏ ମୁଖ୍ୟ ଫାଙ୍କ ତୁର୍ଗ ସାଗର ଦ୍ୱାରା ଏହା ଅନ୍ୟ ବଡ଼ ମହାସାଗର ସହ ଯୋଡ଼ି ହୋଇଥିଲା। ପ୍ରାୟ ପାଞ୍ଚ କୋଟି ବର୍ଷ ପୂର୍ବେ ଯେତେବେଳେ ଏହି ଫାଙ୍କ ବନ୍ଦ ହୋଇଗଲା ବା ଅବରୋଧ ହୋଇଗଲା, ଅବରୋଧିତ ଜଳ ଆଜୋଲା ନାମକ ଗୋଟିଏ ଫର୍ଣ୍ଣର ସୁନ୍ଦର ଆବାସସ୍ଥଳୀ ହୋଇଗଲା।

ଆଜୋଲାର ଦୁଇଟି ପ୍ରିୟ ଖାଦ୍ୟ ଯବକ୍ଷାରଜାନ ଏବଂ ଅଙ୍ଗାରକାମ୍ଳଜାନ ପାଇଁ ପ୍ରଚୁର ପରିମାଣରେ ବଢ଼ିଲା। ଆଜୋଲାର ମୋଟା ପରସ୍ତ ହ୍ରଦକୁ ଢାଙ୍କିଦେଲା। ଜଳବାୟୁ ବଦଳିବାରୁ ଯେତେବେଳେ ବର୍ଷାର ପରିମାଣ ବଢ଼ିଲା, ତା ଉପରେ ପତଳା ମଧୁର ଜଳ ପଡ଼ିଲା। ଫଳରେ ଆଜୋଲା ଆଖପାଖର ଅଞ୍ଚଳକୁ ଗଲା।

ଆଜୋଲା ବଢ଼ିଲା ଏବଂ ପ୍ରାୟ ଦଶ ଲକ୍ଷ ବର୍ଷ ଯାଏଁ ଚକ୍ରର ଅଂଶ ହୋଇ ରହିଲା। ପ୍ରତି ଥର ଗୋଟିଏ କରି ପରସ୍ତ ତଳେ ବିଛାଇ ଚାଲିଲା। ଏହି ପରସ୍ତର ମୋଟେଇ ଯେତେବେଳେ ପ୍ରାୟ ୮ ମିଟର ହୋଇଗଲା, ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ବାଷ୍ପ ଅବଶୋଷିତ ହେଲା। ହିସାବ କରି ଦେଖାଯାଇଛି ଯେ କେବଳ ଏହି ଏକମାତ୍ର ଘଟଣାରୁ ବାୟୁମଣ୍ଡଳର ଶତକଡ଼ା ପ୍ରାୟ ୮୦ ଭାଗ ଅଙ୍ଗାରକାମ୍ଳ କମିଯାଇଥିଲା। ଅଙ୍ଗାରକାମ୍ଳ କମିଯିବାରୁ ପୃଥିବୀ ସବୁଜକୋଠରୀରୁ ବରଫକୋଠରୀ ହେବାକୁ ଆରମ୍ଭ କଲା। ସେତେବେଳେ

ଆର୍କଟିକ ମହାସାଗରର ତାପମାତ୍ରା ସମୁଦ୍ର ପୃଷ୍ଠରେ ପ୍ରାୟ ୧୩ ଡିଗ୍ରୀ ସେଲସିଅସ ଥିଲା। ଏହା କମି ଏବେକାର ବିଯୁକ୍ତ ୯ ଡିଗ୍ରୀ ସେଲସିଅସରେ ପହଞ୍ଚିଲା।

ରାଜା: ଅଦ୍ଭୁତ!!

ଶ୍ରୀପାଳ: ପୃଥିବୀ ଇତିହାସରେ ଏଭଳି ଘଟଣା ଦେଖିଛି ଯେଉଁଥିଲେ ନିଜେ ଜୀବନ ହିଁ ଜଳବାୟୁକୁ ପ୍ରଭାବିତ କରିଛି।

ମନ୍ତ୍ରୀ: କିନ୍ତୁ ଶ୍ରୀପାଳ ଏହା ପ୍ରକୃତି ଦ୍ୱାରା ହେଉଛି। କିନ୍ତୁ ଆମେ... ପ୍ରକୃତିର କାମରେ ଦଖଲ ଦେଉଛେ, ଫଳରେ ଆମ ଆଗାମୀ ପିଢ଼ି ପାଇଁ ବହୁତ ବଡ଼ ସମସ୍ୟା ସୃଷ୍ଟି କରୁଛେ।

ଶ୍ରୀପାଳ: ପୂରା ଠିକ କହିଛନ୍ତି ମନ୍ତ୍ରୀ ମହାଶୟ। ଜଳବାୟୁ ପରିବର୍ତ୍ତନ ପାଇଁ ପ୍ରାକୃତିକ ଘଟଣା ଅପେକ୍ଷା ଆମେ ନିଜେ ଅଧିକ ଦାୟୀ।

ରାଜା: (ଶ୍ରୀପାଳଙ୍କୁ ଅଟକାଇ) ମନ୍ତ୍ରୀ ମହାଶୟ, ଏ କଥା ମୁଁ ବୁଝିଗଲି। ଆଉ ମୁଁ ସ୍ୱୀକାର କରୁଛି ଯେ ପଡ଼ୋଶୀ ରାଜ୍ୟ ପାଇଁ ପାଣି ବନ୍ଦ କରିଦେବା ମୋର ବହୁତ ବଡ଼ ଭୁଲ ଥିଲା। ପ୍ରକୃତି ଉପରେ ହସ୍ତକ୍ଷେପ କରିବାରେ ମୋର କୌଣସି ଅଧିକାର ନାହିଁ।

(ଦୃଶ୍ୟ ପରିବର୍ତ୍ତନ)

ଜେଜୀ: ସେଇଠୁ ଡିଡୁ, ରାଜା ମନ୍ତ୍ରୀଙ୍କୁ ଆଦେଶ ଦେଲେ ଯେ ପଡ଼ୋଶୀ ରାଜ୍ୟକୁ ପାଣି ଛଡ଼ାଯାଉ। (ଡିଡୁ ହସୁଛି) ମନ୍ତ୍ରୀ ଆଉ ଶ୍ରୀପାଳ ଦୁହେଁ ଦୁହିଁଙ୍କ ଆଡ଼କୁ ଚାହିଁ ହସିଲେ।

ଡିଡୁ: ମୂର୍ଖ ରାଜା ପାଇଁ ଏହା ଗୋଟିଏ ଶିକ୍ଷା ଥିଲା।

ଜେଜୀ: ଆଉ ସେତେବେଳକୁ ସୂର୍ଯ୍ୟ ଉଦୟ ହେଉଥିଲା। ରାଜା ଖୁସି ହୋଇଗଲେ।

(ଜେଜୀ ହସୁଛନ୍ତି) ଏ କାହାଣୀରୁ ତୁ କ'ଣ ଶିଖିଲୁ?

ଡିଡୁ: ଶିଖିଲି ଯେ ପ୍ରକୃତିର କାମକୁ ଆମେ ଅଟକାଇବା ଉଚିତ ନୁହେଁ। ପ୍ରକୃତି ତା ବାଟରେ କାମ କରିବାକୁ ଦେବା କଥା। ସେଥିରେ ହସ୍ତକ୍ଷେପ କରିବା କଥା ନୁହେଁ।

ଜେଜୀ: (ହସି ହସି) ଠିକ କହିଛୁ। ଏବେ ବର୍ଷା ବନ୍ଦ ହୋଇଗଲାଣି। ଆକାଶ ପରିଷ୍କାର ହୋଇଗଲା। ବିଜୁଳି ନାହିଁ କି ଘଡ଼ଘଡ଼ି ନାହିଁ। ଏବେ ତୋ ବିଛଣାକୁ ଯା ଆଉ ଶୋଇ ପଡ଼ିବୁ।

ଡିଡୁ: ହଁ ଜେଜୀ, ଏବେ ଆଉ ଘଡ଼ଘଡ଼ି ଶୁଣି ମୁଁ ଡରିବିନି। ଏହାତ ପ୍ରାକୃତିକ ଘଟଣାର ଅଂଶ। ରାଜା ଭଳି ମୁଁ ବି ବହୁତ କିଛି ଶିଖିଗଲି। ହଉ ଜେଜୀ, ଏତେ ବଢ଼ିଆ ଗପ ପାଇଁ ଧନ୍ୟବାଦ। ଶୋଇବି ଯାଉଛି, ଶୁଭରାତ୍ରୀ।

ଜେଜୀ: ଶୁଭରାତ୍ରୀ।